**ଶ୍ରୀମତୀ ତୁଳସା ବାଇ**

*ବନାମ*

**ମଧ୍ୟପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ**

**ନଭେମ୍ବର 7,1996**

**[କେ.ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

*ବେନାମୀ କାରବାର :*

*ସ୍ୱାମୀଙ୍କ ବିରୋଧରେ ବିକ୍ରୟ ଟିକସ ଆଦାୟ ପାଇଁ କାର୍ଯ୍ୟବିଧି ଆରମ୍ଭ କରାଯାଇଛି – ପତ୍ନୀଙ୍କ ନାମରେ ଥିବା ଘର କରାଣ କରିବାକୁ ଚେଷ୍ଟା କରାଯାଇଥିଲା – ପତ୍ନୀ ଘର ଉପରେ ନିଜର ଅଧିକାର ଏବଂ ମାଲିକାନା ଘୋଷଣା ପାଇଁ ଏହା ଦାବି କରି ମକଦ୍ଦମା ଦାୟର କରିଥିଲେ ଯେ, ସେ ନିଜ ପାଣ୍ଠିରୁ ଜମି କିଣିଛନ୍ତି ଏବଂ ସେଥିରେ ଘର ନିର୍ମାଣ କରିଛନ୍ତି, ଏବଂ ପ୍ରତିବାଦୀ-ଉତ୍ତରଦାତାମାନଙ୍କୁ ଏହାକୁ ବିକ୍ରୟ କରିବାରୁ ରୋକିବା ପାଇଁ ଏକ ନିଷିଦ୍ଧାଦେଶ ମାଗିଥିଲେ – ରାଜସ୍ୱଙ୍କ ମାମଲା ଥିଲା ଯେ, ଏହା ଏକ ବେନାମୀ କାରବାର ଥିଲା – ବିଚାର କରୁଥିବା ନ୍ୟାୟାଳୟ ମକଦ୍ଦମାଟିର ଫଏସଲା କରିଥିଲେ – ଉଚ୍ଚ ନ୍ୟାୟାଳୟ ସାକ୍ଷ୍ୟକୁ ତର୍ଜମା କରି ମକଦ୍ଦମାକୁ ଏହା ଦର୍ଶାଇ ଖାରଜ କରି ଦେଇଥିଲେ ଯେ, ପତ୍ନୀ ନିଜ ପାଣ୍ଠିରେ ଘର ନିର୍ମାଣ କରିଥିଲେ ବୋଲି କୌଣସି ପ୍ରମାଣ ନାହିଁ; ସ୍ୱାମୀ ଜଣେ ବ୍ୟବସାୟୀ ହୋଇଥିବାରୁ, ତାଙ୍କ ପତ୍ନୀଙ୍କ ନାମରେ ଘର ନିର୍ମାଣ କରିଥିଲେ, ତେଣୁ, ଏହା ଏକ ବେନାମୀ କାରବାର ଥିଲା ଯେଉଁଥିରେ ସ୍ୱାମୀଙ୍କଠାରୁ ବିକ୍ରୟ-ଟିକସ ବକେୟା ଆଦାୟ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବଶ୍ୟକ ଥଲା –ଦର୍ଶାଯାଇଛି, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଉପନୀତ ଉପସଂହାରରେ କୌଣସି ବେଆଇନତା ନାହିଁ କିମ୍ବା ହସ୍ତକ୍ଷେପ ଆବଶ୍ୟକ କରୁଥିବା ଉଚ୍ଚ ନ୍ୟାୟାଳୟଙ୍କ ରାୟରେ ଆଇନର କୌଣସି ତ୍ରୁଟି ପାଇନାହୁଁ ।*

*ଗାପାଢ଼ିବାଇ ବନାମ ଏମ୍.ପି.ରାଜ୍ୟ,* **[1980] 2 SCC 327, ଉଦ୍ଧୃତ ହୋଇଛି ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 3100/1980 ।

ଏଫ୍.ଏ. ସଂଖ୍ୟା 8/1975 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର 19.4.80 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏସ୍.କେ. ମେହେତାଙ୍କ ପାଇଁ ଫଜଲିନ୍ ଆନମ୍ ।

ଉତ୍ତରଦାତାମାନଙ୍କ ପାଇଁ ୟୁ.ଏନ୍. ବଚାୱତ, (ଏ.କେ.ସାଂଘୀ) (ଏନ୍.ପି.), ନୀରଜ ଶର୍ମା ଏବଂ ଏସ୍.କେ. ଅଗ୍ନିହୋତ୍ରୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ଏଫ୍.ଏ.ସଂଖ୍ୟା. 80/75 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡପୀଠ, ଜବଲପୁର ବିଚାରପୀଠଙ୍କ ଦ୍ୱାରା କରାଯାଇଥିବା ଏପ୍ରିଲ୍ 19,1980 ତାରିଖର ରାୟରୁ ଉତ୍ପନ୍ନ ହୋଇଛି । ଅପିଲକାରୀ ମଧ୍ୟପ୍ରଦେଶର ଭାଟାପାରା ପୌରପାଳିକାର ଶଙ୍କର ୱାର୍ଡରେ ଅବସ୍ଥିତ ମକଦ୍ଦମା ସମ୍ପତ୍ତିରେ ତାଙ୍କର ଅଧିକାର ଏବଂ ମାଲିକାନା ଘୋଷଣା କରିବା ଏବଂ ପ୍ରତିବାଦୀମାନଙ୍କୁ ଏହାକୁ ବିକ୍ରି କରିବାରୁ ନିରୋଧ କରିବା ପାଇଁ ଆନୁସଙ୍ଗିକ ନିଷେଧାଦେଶ ପାଇଁ

ମକଦ୍ଦମା ଦାୟର କରିଥିଲେ । ତାଙ୍କର ଆଳ ଥିଲା ଯେ, ନିଜ ଅର୍ଥରେ ସେ ସେପ୍ଟେମ୍ବର 23,1971 ତାରିଖରେ ନିଜେ ଏକ ପ୍ଲଟ୍ କିଣିଥିଲେ । ପୌରପାଳିକା ଠାରୁ ଅନୁମତି ପାଇବା ପରେ ସେ ବିଭିନ୍ନ ଉତ୍ସରୁ ଋଣ ନେଇ ନିଜେ ଘର ନିର୍ମାଣ କରିଥିଲେ ଏବଂ ଏହିପରି ସେ ନିର୍ମିତ ଘରର ସମ୍ପୂର୍ଣ୍ଣ ମାଲିକ ଅଟନ୍ତି । ତେଣୁ, ମକଦ୍ଦମାଟିରେ ତୃତୀୟ ପ୍ରତିବାଦୀ ଭାବରେ ପକ୍ଷଭୁକ୍ତ ଅପିଲକାରୀଙ୍କ ସ୍ୱାମୀଙ୍କ ଠାରୁ ବିକ୍ରୟ-ଟିକସ ବାବଦକୁ ବକେୟା ଟଙ୍କା 63, 063.25 ଆଦାୟ କରିବା ପାଇଁ ଉକ୍ତ ଘରଟି କୋରଖ ଏବଂ ବିକ୍ରି କରିବା ପାଇଁ ଆଇନ ଅନୁଯାୟୀ ବାଧିତ ନୁହେଁ । ବିଚାର କରୁଥିବା ନ୍ୟାୟାଳୟ ମକଦ୍ଦମା ସଂଖ୍ୟା 7-A /1972 ମକଦ୍ଦମାର ଫଏସଲା କରିଥିଲେ । କିନ୍ତୁ ଅପିଲରେ ଏହାକୁ ଓଲଟାଇ ଦିଆଯାଇଥିଲା ଏବଂ ମକଦ୍ଦମା ଖାରଜ କରାଯାଇଥିଲା । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା, ଗାପାଡ଼ିବାଇ ବନାମ ଏମ୍.ପି. ରାଜ୍ୟ, [1980] 2 SCC 327 ରେ ଏହି ନ୍ୟାୟାଳୟଙ୍କର ରାୟ ଉପରେ ଦୃଢ଼ ନିର୍ଭରଶୀଳତା ରଖି ଯୁକ୍ତି ଦର୍ଶାଇଥିଲେ ଯେ, ଯେତେବେଳେ ଅପିଲକାରୀ ଆଳ କରିଥିଲେ ଏବଂ ପ୍ରମାଣ କରିଥିଲେ ଯେ, ସେ ସମ୍ପତ୍ତିର ମାଲିକାଣୀ ଅଟନ୍ତି ଏବଂ ନିଜ ପାଣ୍ଠିରୁ ଘର ନିର୍ମାଣ କରିଥିଲେ ଏବଂ ବିଚାର କରୁଥିବା ନ୍ୟାୟଳୟ ଏହାକୁ ଗ୍ରହଣ କରିଥିଲେ, ସେତେବେଳେ ଉଚ୍ଚ ନ୍ୟାୟାଳୟ ଡିକ୍ରୀକୁ ଓଲଟା କରିବାରେ ଠିକ ନଥିଲେ । ଏହା ପ୍ରମାଣ କରିବାର ଭାର ଉତ୍ତରଦାତା-ରାଜ୍ୟ ଉପରେ ରହିଛି ଯେ, ଏହା ବେନାମୀ କାରବାରର ମାମଲା ଏବଂ ତୃତୀୟ ପ୍ରତିବାଦୀ- ଅପିଲକାରୀଙ୍କ ସ୍ୱାମୀ ହେଉଛନ୍ତି ପ୍ରକୃତ ମାଲିକ । ଏଭଳି କରିବାରେ ରାଜ୍ୟ ଦୟନୀୟ ଭାବେ ବିଫଳ ହୋଇଥିଲେ । ଫଳସ୍ୱରୂପ, ଉଚ୍ଚ ନ୍ୟାୟାଳୟଙ୍କର ଡିକ୍ରି ଆଇନ ଦୃଷ୍ଟିରୁ ଠିକ୍ ନୁହେଁ । ଯୁକ୍ତିରେ ଆମେ କୌଣସି ଦୃଢ଼ତା ପାଉନାହୁଁ ।

ଏହା ସତ୍ୟ ଯେ, ଯେତେବେଳେ ବେନାମୀ କାରବାରର ଯୁକ୍ତି ଉଠାଯାଇଥାଏ ଏବଂ ସେହି ମାମଲାରେ ନିର୍ଦ୍ଧାରିତ ବିଭିନ୍ନ ଯାଞ୍ଚ ପ୍ରକ୍ରିୟାରେ ଯିବା ପରେ, ଯଥା, ନିଜ ଅଧିକାରରେ ଘର ଦଖଲ କରି, ତାଙ୍କ ନାମରେ ଏକ ପଞ୍ଜୀକୃତ ହସ୍ତାନ୍ତରଣ ପତ୍ର ଦ୍ୱାରା ସମ୍ପତ୍ତି କ୍ରୟ ପରେ, ମାଲିକାନା ଦଲିଲ ତାଙ୍କ ହେପାଜତରେ ରହିବା ପରେ, କ୍ରୟ ପରେ ସମ୍ପତ୍ତି-ଟିକସ ପ୍ରଦାନକୁ ଏହି ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ସୂଚକ ଭାବରେ ବିବେଚନା କରାଯାଇଥିଲା ଯେ, ସେ ପ୍ରକୃତ ମାଲିକାଣୀ ଥିଲେ ଏବଂ ତାଙ୍କ ସ୍ୱାମୀଙ୍କ ପାଇଁ ଏବଂ ତାଙ୍କ ତରଫରୁ ଏହା ବାଦୀଙ୍କ ନାମରେ ଏକ ବେନାମୀ କାରବାର ନଥିଲା । କିନ୍ତୁ, ଏହି ମାମଲାରେ, ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଯୁକ୍ତିକୁ ସ୍ୱୀକାର କରିବା କଷ୍ଟକର । ଉଚ୍ଚ ନ୍ୟାୟାଳୟ ରାୟର ଅନୁଚ୍ଛେଦ 5 ଏବଂ 6 ରେ ସମ୍ପୂର୍ଣ୍ଣ ସାକ୍ଷ୍ୟକୁ ଦର୍ଶାଇଛନ୍ତି । ଏହି ସିଦ୍ଧାନ୍ତ ସାକ୍ଷୀମାନଙ୍କ ମୌଖିକ ପରିସାକ୍ଷ୍ୟ ଉପରେ ଆଧାରିତ ଅଟେ । ବାଦୀ ତରଫରୁ ଯାଞ୍ଚ କରାଯାଇଥିବା ପିଡବ୍ଲ୍ୟୁ-1, ଜଗଦୀଶ ପ୍ରସାଦ ସ୍ୱୀକାର କରିଥିଲେ ଯେ, ସେ 1969 ରେ ଟଙ୍କା.4425/- ରେ ପ୍ଲଟ୍ କିଣିଥିଲେ ଏବଂ 1971 ରେ ସେ ଏହି ସମ୍ପତ୍ତିକୁ 4, 000/- ଟଙ୍କାରେ ବିକ୍ରି କରିଥିବା ଉଲ୍ଲେଖ କରିଥିଲେ । ଏହା ବିଶ୍ୱାସ କରିବା ଅବିଶ୍ୱସନୀୟ ଯେ, ଦୁଇ ବର୍ଷ ପରେ ସେ 1969 ମସିହାରେ କ୍ରୟ ମୂଲ୍ୟଠାରୁ କମ୍ ମୂଲ୍ୟରେ ସମ୍ପତ୍ତିକୁ ବିକ୍ରି କରିଥିଲେ । ଜଣେ ରାଧେଶ୍ୟାମ ପୁରୋହିତଙ୍କୁ ଯାଞ୍ଚ କରାଯାଇଥିଲା ଏହା ଦର୍ଶାଇବା ପାଇଁ ଯେ, ଉତ୍ତରଦାତା 1971 ମସିହାରେ ହୋଲିର 10-15 ଦିନ ପରେ ନିଜର ସୁନା ଅଳଙ୍କାର 4220/- ଟଙ୍କାରେ ତାଙ୍କୁ ବିକ୍ରି କରିଥିଲେ । ଉକ୍ତ ରାଧେଶ୍ୟମ ଅନ୍ୟ କେହି ନୁହଁନ୍ତି ବରଂ ଜଗଦୀଶ ପ୍ରସାଦ, ପି.ଡବ୍ଲ୍ୟୁ.1 ଙ୍କ କିରାଣୀ ଅଟନ୍ତି । ତାଙ୍କ ସାକ୍ଷ୍ୟକୁ ବିଶ୍ୱାସ କରାଯାଇପାରିବ ନାହିଁ । ତାଙ୍କର ଟଙ୍କା ଉଧରି ଦେବା ବିଷୟରେ ଅପିଲକାରୀଙ୍କ ଜଣେ ସମ୍ପର୍କୀୟ, ହିମ୍ମତଭାଇଙ୍କ ସାକ୍ଷ୍ୟ ଅବିଶ୍ୱାସ କରାଯାଇଥିଲା । 1970 ମସିହା ଅକ୍ଟୋବର ମାସରେ ଏହି ଘର ନିର୍ମାଣ କରିଥିବା ଜଣେ ଠିକାଦାର ପି.ଡବ୍ଲ୍ୟୁ. 3 ଉଲ୍ଲେଖ କରିଥିଲେ ଯେ, ଏହାର ନିର୍ମାଣ

ଖର୍ଚ୍ଚ ଟଙ୍କା 27,000/ ଥିଲା, କିନ୍ତୁ ଆପିଲକାରୀଙ୍କ ତରଫରୁ ପୌରପାଳିକା ପର୍ଯ୍ୟବେକ୍ଷକ, ପି.ଡବ୍ଲ୍ୟୁ. 4 ପ୍ରମାଣ କରିଥିଲେ ଯେ, ନିର୍ମାଣର ମୂଲ୍ୟ 45, 000/- ଟଙ୍କା ଥିଲା । ଅପିଲକାରୀଙ୍କ ସମ୍ପର୍କୀୟ ପି.ଡବ୍ଲ୍ୟୁ. 5, ପିତାମ୍ବରଲାଲ ଅଗ୍ରୱାଲ, ଅକ୍ଟୋବର 1972 ରେ ଘର ନିର୍ମାଣ ପାଇଁ 10,000/- ଟଙ୍କା ଋଣ ଦେଇଥିବାର ଦାବି କରାଯାଇଥିଲା । ଏହା ଏପରି ମାମଲା ନୁହେଁ ଯେ, ଏହି 10,000/- ଟଙ୍କା ଘର ନିର୍ମାଣରେ ବ୍ୟବହୃତ ହୋଇଥିଲା । 10, 000/- ଟଙ୍କାର କଥିତ ମୌଖିକ ଋଣ ଏବଂ ଏହାର ପରିଶୋଧ ସହିତ ଜଡ଼ିତ କୌଣସି ତଥ୍ୟର ଅନୁପସ୍ଥିତିରେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଯୁକ୍ତିକୁ ଗ୍ରହଣ କରାଯାଇ ନଥିଲା । ଅନ୍ୟ ଜଣେ ସାକ୍ଷୀ ହେଉଛନ୍ତି ଅପିଲକାରୀଙ୍କ ମାଆଙ୍କ ଭଉଣୀ, ଜଣେ ଭୋଡିବାଇ । ସେ ଘର ନିର୍ମାଣ ପାଇଁ ଅପିଲକାରୀଙ୍କୁ 5, 000/- ଟଙ୍କା ଉପହାର ଦେଇଥିବା ଦାବି କରିଥିଲେ । ଅପିଲକାରୀ ସାକ୍ଷୀ ଭାବରେ ସ୍ୱୀକାର କରିଥିଲେ ଯେ, ତାଙ୍କ ବିବାହ ସମୟରେ ତାଙ୍କୁ 5,000/- ଟଙ୍କା ନଗଦ ଏବଂ 10,000/- ଟଙ୍କା ମୂଲ୍ୟର ଅଳଙ୍କାର ଦିଆଯାଇଥିଲା । ସେ ଏହା ମଧ୍ୟ ସ୍ୱୀକାର କରିଥିଲେ ଯେ, ଘର ନିର୍ମାଣ ହେବା ପରେ ତାଙ୍କ ପାଖରେ ନଗଦ 5, 000/- ଟଙ୍କା ରୁ 6,000/- ଟଙ୍କା ଥିଲା। । ଅନ୍ୟ ଅର୍ଥରେ, ନିର୍ମାଣ ପୂର୍ବରୁ ତାଙ୍କ ପାଖରେ 16,000/- ଟଙ୍କା ଥିଲା ଏବଂ ନିର୍ମାଣ ପରେ ସେ ନଗଦ 5,000/- ଟଙ୍କା ରୁ 6,000/- ଟଙ୍କା ରଖିଥିଲେ । 45,000/- ଟଙ୍କା କେଉଁ ଉତ୍ସରୁ ତାଙ୍କୁ ମିଳିଥିଲା, ତାହାର କୌଣସି ନିର୍ଦ୍ଦିଷ୍ଟ ସାକ୍ଷ୍ୟ ନ ଥିବାରୁ, ଉଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ, ଏପରି କୌଣସି ପ୍ରମାଣ ନାହିଁ ଯେ, ଘରଟି ତାଙ୍କ ଦ୍ୱାରା ନିଜ ପାଣ୍ଠିରେ ନିର୍ମାଣ କରାଯାଇଥିଲା ଏବଂ ସ୍ୱାମୀ ଜଣେ ବ୍ୟବସାୟୀ ହୋଇଥିବାରୁ, ସ୍ପଷ୍ଟତଃ ତାଙ୍କ ପତ୍ନୀଙ୍କ ନାମରେ ତାଙ୍କ ପାଇଁ ଏବଂ ପରିବାର ପାଇଁ ଘର ନିର୍ମାଣ କରିଥିଲେ । ତଦନୁସାରେ, ଏହି ପରିସମାପ୍ତିରେ ପହଞ୍ଚିଲେ ଯେ, ଏହା ଏକ ବେନାମୀ କାରବାର ଥିଲା ଯେଉଁଥିରେ ତୃତୀୟ ପ୍ରତିବାଦୀ, ଅପିଲକାରୀଙ୍କ ସ୍ୱାମୀଙ୍କଠାରୁ ବିକ୍ରୟ-ଟିକସର ବକେୟା ଆଦାୟ ପାଇଁ କାର୍ଯ୍ୟବିଧି ଗ୍ରହଣ କରାଯିବା ଆଇନ ଅନନୁଯାୟୀ ବାଧିତ ଥିଲା । ଏହା ସାକ୍ଷ୍ୟକୁ ତର୍ଜମା କରି ତଥ୍ୟର ଏକ ସିଦ୍ଧାନ୍ତ ଉପରେ ଆଧାରିତ ହୋଇଥିବାରୁ, ଆମେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଉପନୀତ ଉପସଂହାରରେ କୌଣସି ବେଆଇନତା ପାଇନାହୁଁ କିମ୍ବା ହସ୍ତକ୍ଷେପ ଆବଶ୍ୟକ କରୁଥିବା ଉଚ୍ଚ ନ୍ୟାୟାଳୟଙ୍କର ରାୟରେ ଆଇନର କୌଣସି ତ୍ରୁଟି ପାଇନାହୁଁ ।

ତଦନୁସାରେ ଅପିଲକୁ ଖାରଜ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

<u>ଅନୁବାଦିକା :</u>
ସସ୍ମିତା ନାଏକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ